# ପିଲାଙ୍କ ଧରିତ୍ରୀ

ଶନିବାର, ୨୫ ମେ, ୨୦୧୯



ଗପ ୨



୭ ଜଣା -ଅଜଣା



୮ ଆଇନା



୩ ବିଜ୍ଞାନ କଥା

## ମତାମତ

➲'କୃପଣ ହାତ୍ରୁ ପାଇଲା ପାନେ' ଗପଟି ବେଶ୍ ଶିକ୍ଷଣୀୟ ହୋଇଛି। ଅତି ଲୋଭର ପରିଣତି ଏହି ଗଳ୍ପରେ ବେଶ୍ ଭଲଭାବେ ପ୍ରତିଫଳିତ ହୋଇଛି।

– **ମନୀଷା, ତିତିଷା,** ଡେଲାଙ୍ଗ, ପୁରୀ


➲ପିଲାଙ୍କ ଧରିତ୍ରୀ ପୃଷ୍ଠାର ଆସ ଖୋଜିବା ଏବଂ ବିନ୍ଦୁ ଯୋଡ କରିବାକୁ ମୋତେ ଖୁବ୍ ଭଲ ଲାଗେ। କହିଲ ଦେଖିରେ ଥିବା ପ୍ରଶ୍ନର ଉତ୍ତର ଦେବାକୁ ଭଲ ଲାଗୁଛି।

– **ଦୀପକ ପରିଡା,** ଜୁମୁଜୁମା, ଭୁବନେଶ୍ୱର

➲ତୁମ ତୁଳୀରୁ ପୃଷ୍ଠାରେ ସ୍ଥାନ ପାଉଥିବା ପ୍ରତ୍ୟେକ ଚିତ୍ର ଖୁବ୍ ସୁନ୍ଦର ଲାଗୁଛି। ବିନ୍ଦୁଯୋଡ କରିବାକୁ ମଜା ଲାଗୁଛି।

– **ଅବିନାଶ ସ୍ୱାଇଁ,** ନିରାକାରପୁର, ଖୋର୍ଦ୍ଧା

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଗପ



# ବୋଝ ଦେଲା ଉପାୟ

ସୀତାପୁର ନାମକ ଜଙ୍ଗଲଘେରା ଏକ ଛୋଟ ଗାଁରେ ସନିଆ ବାସ କରେ। ଚାଷ କାମ ସହ ପଶୁପକ୍ଷୀମାନଙ୍କୁ ଖୁବ୍ ଆଦର ସହ ଯତ୍ନ କରେ। ଘରେ କିଛି ପଶୁପକ୍ଷୀ ମଧ୍ୟ ରଖିଛି। ସେଥି ମଧ୍ୟରୁ ଗଧଟି ସନିଆର ଖୁବ୍ ପ୍ରିୟ। ଗଧ ଉପରେ ଜିନିଷ ଲଦି ହାଟକୁ ବିକ୍ରି କରିବାକୁ ନିଏ। ଗଧର ଖୁବ୍ ଯତ୍ନ ନିଏ। ତାକୁ ସବୁବେଳେ ସଫାସୁତୁରା ରଖେ। ଗଧଟି ବେଶ୍ ସୁସ୍ଥ ସବଳ ହୋଇଥିଲା। ସେ ମଧ୍ୟ ତା' ମାଲିକକୁ ବହୁତ ଭଲ ପାଏ।

ଦିନକର କଥା, ସନିଆ ଗଧ ପିଠିରେ ପନିପରିବା ଓ ଅଣ୍ଡା ନେଇ ହାଟକୁ ବିକିବାକୁ ଗଲା। ହାଟରେ ତା'ର ସବୁ ଜିନିଷ ପତ୍ର ବିକ୍ରି ହୋଇଗଲା। ସନିଆର ମନ ଖୁବ୍ ଖୁସି ଥାଏ। ସେ ଗୁଣୁ ଗୁଣୁ ଗୀତ ଗାଇ ଗଧକୁ ସାଥିରେ ଧରି ହାଟରୁ ଫେରୁଥାଏ। ଦିନ ଦ୍ୱିପ୍ରହର ହେଲାଣି ସନିଆ ଜୋର ଜୋର ଚାଲୁଥାଏ । ଘରେ ତା' ଘରଣୀ ଅପେକ୍ଷା କରିଥିବ ଖାଇବା ପାଇଁ। ଏମିତି ଅନ୍ୟମନସ୍କ ହୋଇ ଚାଲୁଥିବାରୁ ଜଙ୍ଗଲ ଭିତରେ ଥିବା ବଡ଼ ଖାଲକୁ ଦେଖିପାରିଲା ନାହିଁ। ହଠାତ୍ ଗଧଟି ତା' ଭିତରେ ଖସିପଡିଲା। ସନିଆ ବହୁତ ଚେଷ୍ଟା କଲା ତାକୁ ବାହାରକୁ କାଢ଼ିବା ପାଇଁ। ହେଲେ ପାରିଲା ନାହିଁ। ଗାତଟି ବହୁତ ଗଭୀର ଥିଲା। ସନିଆ କିଛି କଅଁଳିଆ ଘାସକାଟି ଗଧ ପାଖକୁ ଫିଙ୍ଗିଲା ଗଧଟି କିନ୍ତୁ ବିକଳ ହୋଇ ମାଲିକକୁ ଅନାଇ ଥାଏ। ସନିଆ ଗଧଟିର ଦୁଃଖ ସହିପାରୁ ନ ଥାଏ।

ସନିଆ ଭାବିଲା ଏମିତି ତ ଗଧଟି ଗାତରେ ପଡିପଡି ମରିଯିବ, କାହିଁକି ଏତେ କଷ୍ଟ ପାଇବ। ମାଟି ପକାଇ ପୋତିଦେଲେ ଜଲ୍‌ଦି କଷ୍ଟରୁ ମୁକ୍ତି ପାଇଯିବ। ଏହାଭାବି ସେ ମାଟି ଖୋଳି ଗାତକୁ ପକାଇଲା । ଗଧ ଉପରେ ମାଟି ପଡ଼ିବା ମାତ୍ରେ ସେ ତାକୁ ଝାଡି ତା' ଉପରେ ଛିଡା ହୋଇଯାଉଥିଲା। ସନିଆ ଯେତେଥର ମାଟି ପକାଉଥାଏ ଗଧଟି ପୂର୍ବ ପରି କରୁଥାଏ। ସନିଆ ରାଗିଗଲା ଓ ବହୁତ୍ ବହୁତ୍ ମାଟି ଗଧ ଉପରେ ପକାଇବାକୁ ଲାଗିଲା। ଗଧଟି କିନ୍ତୁ ତା' କାମ ଜାରି ରଖିଥାଏ। ଅନ୍ଧାର ହେଲା ବେଳକୁ ଗଧଟି ଗୋଟିଏ ଡିଆଁରେ ଗାତରୁ ବାହାରି ଆସି ସନିଆକୁ ଚାଟିବାକୁ ଲାଗିଲା। ସନିଆ ଓ ଗଧ ଖୁସିରେ ଘରକୁ ଫେରିଲେ।

ବିପଦ, କଷ୍ଟ, ଦୁଃଖ ଓ ଖରାପ ପରିସ୍ଥିତି ଆମ ଉପରେ ମାଟି ପରି ବୋଝ ହୋଇ ପଡିଥାଏ। ଆମେ ଯଦି ମାଟି ରୂପକ ଏହି ଦୁଖ, କଷ୍ଟ ବିପଦ ସବୁକୁ ଝାଡିଝୁଡି ହୋଇଯିବା ତେବେ ସଫଳତା ଓ ଖୁସି ନିଶ୍ଚିତ ମିଳିବ।

**–ସସ୍ମିତା ସାହୁ,**
ବୀରନରସିଂହପୁର, ଥୋଣ୍ଟପୁର, ପୁରୀ

## ଖିଲି ଖିଲି ହସ

*ଜଣେ ବୁଢା ଲୋକ ହୋଟେଲ୍‌କୁ ଆସିଲେ,ସାଥିରେ ତାଙ୍କ ବୁଢ଼ୀକୁ ବି ଆଣିଥିଲେ। ୱେଟରକୁ ଡାକି କହିଲେ:ମୋ ପାଇଁ ଖାଇବାକୁ ଆଣ। ୱେଟର: ଆଣୁଛି। ବୁଢ଼ା ଲୋକ ଖାଇଲା ପରେ କହିଲେ: ଏବେ ମୋ ସ୍ତ୍ରୀ ଲାଗି ଖାଇବାକୁ ଆଣ। ୱେଟର: ଆପଣ ଏକାସଙ୍ଗେ ଖାଇଲେନି ? ବୁଢାଲୋକ: ଆରେ ପୁଅ ଆମ ଦୁଇଜଣଙ୍କର ଦାନ୍ତ ସେଟ୍ ତ ଗୋଟିଏ।

*ସାନ୍ତାର ଦାନ୍ତ ବିନ୍ଧିବାରୁ ସେ ଡେଣ୍ଟିଷ୍ଟଙ୍କ ପାଖକୁ ଗଲା। ଡେଣ୍ଟିଷ୍ଟ: ଆପଣଙ୍କ ଦାନ୍ତ ଭାଙ୍ଗିବାକୁ ପଡିବ। ସାନ୍ତା: କେତେ ଟଙ୍କା ନେବେ ? ଡେଣ୍ଟିଷ୍ଟ: ୨୦୦୦ଟଙ୍କା। ସାନ୍ତା: ଏଇ ନିଅନ୍ତୁ ୨୦୦ଟଙ୍କା। ଖାଲି ଟିକେ ଢ଼ିଲା କରି ଦିଅନ୍ତୁ,ମୁଁ ନିଜେ ମୋ ଦାନ୍ତ ଉପାଡି ଦେବି।

ରାମୁ ବାବୁ : ୱେଟର ଶୁଣିଲ । ୱେଟର ନମ୍ରତାର ସହ ତାଙ୍କ ପାଖରେ ଆସି ଠିଆ ହେଲା। ରାମୁ ବାବୁ : ମୋ ପାଇଁ କପେ ଚା'ଆଣ। ୱେଟର: ଚା' ଆଣି ଦେଲା। ରାମୁବାବୁ : ଦେଖ ତୁମ ଚା'ରେ ଗୋଟିଏ ମାଛି ପଡିଛି । ୱେଟର: ଆଙ୍ଗୁଠିରେ ମାଛିଟିକୁ କାଢ଼ି ଟେକି ଦେଖିଲା,ଦେଖିସାରି କହିଲା:ସାର୍,ଇଏ ଆମ ହୋଟେଲ୍‌ର ମାଛି ନୁହେଁ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ





ବିଜ୍ଞାନ କଥା

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ
# କୋଲ୍ଡ ଡ୍ରିଙ୍କ୍ସ



ସଫ୍ଟଡ୍ରିଙ୍କ୍ସ ଅର୍ଥାତ୍ ବଜାରରେ ମିଳୁଥିବା ଥଣ୍ଡାପାନୀୟ ପ୍ରସ୍ତୁତ କରିବା ନିମନ୍ତେ ସାଧାରଣତଃ ଡିଷ୍ଟିଲ୍ଡ ୱାଟରର ଉପଯୋଗ କରାଯାଏ । ତେଣୁ ଜଳରେ ମିଶିଥିବା ଅନେକ ଅବାଞ୍ଛନୀୟ ପଦାର୍ଥ, ଆବର୍ଜନା, ବ୍ୟାକ୍ଟେରିଆ, ଜୀବାଣୁ ଇତ୍ୟାଦିଠାରୁ ଡିଷ୍ଟିଲ୍ଡ ୱାଟର ମାଧ୍ୟମରୁ ସୁରକ୍ଷା ମିଳିପାରିବ । 'ଡିଷ୍ଟିଲ୍ଡ ୱାଟର' ବସ୍ତୁତଃ ଜଳକୁ ଉତ୍ତପ୍ତକରି ବାଷ୍ପରେ ପରିଣତ କରି ସେହି ବାଷ୍ପକୁ ଘନୀଭବନ କରି ପ୍ରାପ୍ତ କରାଯାଏ । ଏହିପରି ଭାବେ ଜଳରେ ମିଶିଥିବା ପଦାର୍ଥରୁ ଜଳକୁ ମୁକ୍ତ କରିବା ପାଇଁ ଏହି ବିଧିକୁ ଗ୍ରହଣ କରାଯାଏ । ଏହା ସତ୍ୟ ଯେ, ଏହି ବିଧିରେ ଜଳରେ ମିଶିଥିବା ଅନେକ ହାନିକାରକ ପଦାର୍ଥ ବାହାରିଯାଏ ପରନ୍ତୁ ତା' ସହିତ ଅନେକ ଦରକାରୀ ଖଣିଜତତ୍ତ୍ୱ, ଯାହା ଜଳରେ ରହିଥାଏ ତାହା ଡିଷ୍ଟିଲ୍ଡ ୱାଟରରେ ରହି ନ ଥାଏ । ଏହି ଖଣିଜତତ୍ତ୍ୱରେ କ୍ୟାଲ୍‌ସିୟମ୍ ଓ ମ୍ୟାଗ୍ନେସିୟମ୍ ମୁଖ୍ୟ ଅଟେ, ଯାହା ଆମ ଶରୀରକୁ ସୁସ୍ଥ ରଖିବା ନିମନ୍ତେ ଆବଶ୍ୟକ । ଏହି ଖଣିଜ ପଦାର୍ଥଗୁଡ଼ିକ ଡିଷ୍ଟିଲ୍ଡ ୱାଟରରେ ନ ଥାଏ । ତେଣୁ ଏଗୁଡ଼ିକୁ ଜଳରୁ ବାହାର କରିବା ଅର୍ଥ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ।

-ସ୍ମିତା ନାୟକ





ଯଦି କୌଣସି ବ୍ୟକ୍ତି ଅଧିକାଂଶ ସମୟ ଡିଷ୍ଟିଲ୍ଡ ୱାଟର୍‌ର ଉପଯୋଗ କରନ୍ତି, ତେବେ ତାଙ୍କ ଶରୀରରେ ଖୁବ୍ ଶ୍ରୀଘ୍ର କଲେକ୍ଟ୍ରୋଲାଇଟ୍‌ସ (ସୋଡ଼ିୟମ୍, ପୋଟାସିୟମ୍, କ୍ଲୋରାଇଡ଼ ଇତ୍ୟାଦି) ଏବଂ ମ୍ୟାଗ୍ନେସିୟମ୍ ଭଳି ଖଣିଜ ତତ୍ତ୍ୱଗୁଡ଼ିକ କମ୍ ହୋଇଯାଏ, ଯାହାର ପ୍ରଭାବରେ ହୃତ୍‌ସ୍ପନ୍ଦନ ଅନିୟମିତ ହୋଇଥାଏ, ରକ୍ତଚାପ ବୃଦ୍ଧି ପାଇଥାଏ । ଏହି କାରଣରୁ ଯେଉଁ ଖାଦ୍ୟପଦାର୍ଥକୁ ଡିଷ୍ଟିଲ୍ଡ ୱାଟରରେ ପ୍ରସ୍ତୁତ କରାଯାଏ, ସେଥିରେ ପୋଷକତତ୍ତ୍ୱ କମିଯାଏ । ପ୍ରାୟତଃ ଡାକ୍ତରମାନେ ଗଳା ଖରାପ ହେଲେ ଗରମ ପାଣିରେ ଗଳା ସଫା କରିବାକୁ ପରାମର୍ଶ ଦିଅନ୍ତି । ଯଦି ପାଣି ଅଧିକ ଗରମ ହୋଇଯାଏ, ତେବେ ସେଥିରେ ମିଶିଥିବା ପଦାର୍ଥ ନଷ୍ଟ ହୋଇଯାଏ ଏବଂ ସେହି ପାଣିରେ ଅତି ସୂକ୍ଷ୍ମ ଶ୍ଳେଷ୍ମା ଝିଲ୍ଲୀ ଖରାପ ହେବା ଆଶଙ୍କା ଥାଏ ।


ଉଲ୍ଲେଖନୀୟ ଯେ, ଡିଷ୍ଟିଲ୍ଡ ୱାଟର ଏକ କ୍ରିୟାଶୀଳ ଅବଶୋଷକ ଅଟେ, ଯେତେବେଳେ ଏହା ମୁକ୍ତ ବାୟୁ ସଂସ୍ପର୍ଶରେ ଆସେ, କାର୍ବନ୍ ଡାଇଅକ୍‌ସାଇଡକୁ ଅବଶୋଷଣ କରିଦିଏ, ଯାହାର ଫଳସ୍ୱରୂପ ଏହା ଅମ୍ଳୀୟ ହୋଇଯାଏ । ଏହି କାରଣରୁ ଯେଉଁ ବ୍ୟକ୍ତି ଥଣ୍ଡାପାନୀୟ ଅଧିକ ପିଅନ୍ତି ସେମାନଙ୍କୁ ଏସିଡ଼ିଟିର ଆଶଙ୍କା ରହେ । ଗବେଷଣାର ତଥ୍ୟାନୁଯାୟୀ ଯେଉଁ ବ୍ୟକ୍ତି ଅଧିକ କୋଲ୍ଡ ଡ୍ରିଙ୍କ୍ସ୍ ପିଇଥାନ୍ତି ତାଙ୍କର ପରିସ୍ରାରେ କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍ ଏବଂ ଅନ୍ୟ ଖଣିଜ ତତ୍ତ୍ୱ ବାହାରିଯିବାର ଆଶଙ୍କା ରହିଥାଏ ତେଣୁ ଡିଷ୍ଟିଲ୍ଡ ୱାଟର ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗୀ ନୁହେଁ ଏବଂ ଥଣ୍ଡା ପାନୀୟ ଅଧିକ ମାତ୍ରାରେ ଗ୍ରହଣ କରିବା ମଧ୍ୟ ସ୍ୱାସ୍ଥ୍ୟପ୍ରଦ ନୁହେଁ । ଯଦି ଆଦର୍ଶ ପାନୀୟଜଳର କଥା ଉଠେ, ତେବେ ଅଳ୍ପ କ୍ଷାରୀୟ ଆଲ୍‌କାଲାଇନ୍ ଜଳ ସର୍ବୋତ୍ତମ ଅଟେ, ଯେଉଁଥିରେ କ୍ୟାଲସିୟମ୍ ଏବଂ ମ୍ୟାଗ୍ନେସିୟମ୍ ଭଳି ଖଣିଜ ତତ୍ତ୍ୱ ମହଜୁଦ ଥାଏ ।


-ଭଞ୍ଜନଗର, ଗଞ୍ଜାମ




ଆସ ଜାଣିବା

# ମ୍ୟୁଜିୟମ୍ ଅଫ୍ ମାଇକ୍ରୋ ମିନିଏଚର










ଯେପରି ଏହାର ନାଁ ରହିଛି ମାଇକ୍ରୋ ମିନିଏଚର ମ୍ୟୁଜିୟମ୍, ଏଠାରେ କ୍ଷୁଦ୍ରରୁ ଅତିକ୍ଷୁଦ୍ର ଜିନିଷସବୁକୁ ସାଇତି ରଖାଯାଇଛି । ଏଠାରେ ଥିବା ଜିନିଷକୁ ଖାଲି ଆଖିରେ ଦେଖିବା ଅସମ୍ଭବ । ତେଣୁ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ସଂଗୃହୀତ ଜିନିଷକୁ ମାଇକ୍ରୋସ୍କୋପ ଦ୍ୱାରା ହିଁ ଦେଖିଥାନ୍ତି । 'ଦା ମ୍ୟୁଜିୟମ୍ ଅଫ୍ ମାଇକ୍ରୋ ମିନିଏଚର' ନାମରେ ଖ୍ୟାତ ଏହି ନିଆରା ମ୍ୟୁଜିୟମ୍‌ଟି ଅଣ୍ଡୋରାର ଅର୍ଡିନୋଠାରେ ଅବସ୍ଥିତ । ଏହି ମ୍ୟୁଜିୟମ୍‌ରେ ଥିବା ଜିନିଷ ସବୁକୁ ୟୁକ୍ରେନ୍‌ର ପ୍ରସିଦ୍ଧ କ୍ଷୁଦ୍ରଚିତ୍ର କାରିଗର ନିକୋଲାଇ ଶ୍ରିୟାଡ୍ରିଷ୍ଟି ଅତି ନିଖୁଣ ଭାବେ ପ୍ରସ୍ତୁତ କରିଛନ୍ତି । ଏହି ମାଇକ୍ରୋ ମିନିଏଚର ପ୍ରସ୍ତୁତ କରିବା ଲାଗି ନିକୋଲାଇ ସୁନା ଏବଂ ପ୍ଲାଟିନମ୍ ଭଳି ମୂଲ୍ୟବାନ ଧାତୁର ବ୍ୟବହାର କରିଛନ୍ତି । ଏହା ବ୍ୟତୀତ ସେ ଛୁଞ୍ଚି, ପେପର, ଶସ୍ୟ, ମଞ୍ଜି, ଚୁଟି ଭଳି ଅତି କ୍ଷୁଦ୍ର ସାମଗ୍ରୀକୁ ଉପଯୋଗ କରିଛନ୍ତି । ନିକୋଲାଇ ଛୁଞ୍ଚିରେ ସୂତା ଗଳା ଯାଉଥିବା ଅତି ଛୋଟ ସ୍ଥାନରେ ଘୋଡା, ଓଟ, ନଡିଆ ଗଛ ଆଦିର ଅତିକ୍ଷୁଦ୍ର ସ୍ଥାପତ୍ୟ ନିର୍ମାଣ କରିଛନ୍ତି ଯାହାକୁ ଖାଲି ଆଖିରେ ଦେଖିବା ଅସମ୍ଭବ । ସେହିଭଳି ପୋସ୍ତକ ମଞ୍ଜି ଉପରେ ଚାତକ ଚଢେଇର ବସା, ଅତିକ୍ଷୁଦ୍ର ସୁନାର ଚେସ୍ ବୋର୍ଡ, ଛୁଞ୍ଚି ଉପରେ ସାଇକେଲର ପ୍ରତିକୃତି ଭଳି ଅନେକ କ୍ଷୁଦ୍ର ନିଦର୍ଶନମାନ ଏଠାରେ ପ୍ରସ୍ତୁତ ହୋଇ ରହିଛି । ତେବେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏହିସବୁ କଳାକୃତିକୁ ମାଇକ୍ରୋସ୍କୋପ ସାହାଯ୍ୟରେ ଦେଖି ଏହାର ଭରପୂର ମଜା ନେବା ସହ ଏତେକ୍ଷୁଦ୍ର କଳାକୃତି ଦେଖି ଆଶ୍ଚର୍ଯ୍ୟ ପ୍ରକଟ ମଧ୍ୟ କରିଥାନ୍ତି ।





# ତୁମ ତୁଳୀରୁ





୧ ଶ୍ରିୟାଷିସ୍ ସାହୁ
କ୍ଲାସ – ୬,
କେନ୍ଦ୍ରୀୟ ବିଦ୍ୟାଳୟ,
ସୋନପୁର



୨ ସ୍ୱୟଂଶ୍ରୀ ନାୟକ
କ୍ଲାସ – ୭,
ଦେଶବନ୍ଧୁ ସରକାରୀ
ୟୁ.ପି. ସ୍କୁଲ,
ଅସୁରାଳି, ଭଦ୍ରକ



୩ ପ୍ରାଚୀ ମହାନ୍ତି
କ୍ଲାସ – ୯, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଧର୍ମବିହାର, ଖଣ୍ଡଗିରି,
ଭୁବନେଶ୍ୱର




୪ ଶ୍ରେୟାଂସୁ ହୋତା
କ୍ଲାସ –୧, ସାରସ୍ୱତ
ବାଲ୍ ମନ୍ଦିର,
ଜୟପୁର



୫ ପ୍ରୀତିଦିପ୍ସା ସାହୁ
କ୍ଲାସ – ୧,
ଆଇଟିବିପି ପବ୍ଲିକ୍
ସ୍କୁଲ,ତରଡୁଆ,
ଖୋର୍ଦ୍ଧା




୬ ଦିବ୍ୟରଞ୍ଜନ ଚୌଧୁରୀ
କ୍ଲାସ – ୫,
ଏକାଡେମୀ
ହାଇସ୍କୁଲ,
ବଲାଙ୍ଗୀର



୭ ଅନମୋଲ ମହାପାତ୍ର
କ୍ଲାସ –୨, ଆଟମିକ୍
ଏନର୍ଜି ସେଣ୍ଟ୍ରାଲ ସ୍କୁଲ,
ଅଶ୍ୱପୁରମ୍,
ତେଲେଙ୍ଗାନା



୮ ଏମ୍.ସତ୍ୟସାଇ
ସିଦ୍ଧାର୍ଥ,
କ୍ଲାସ–୯, ଜନତା
ନୋଡାଲ ହାଇସ୍କୁଲ,
ଗୋଡଭଗା



୯ ସାଇମା ପଣ୍ଡା
କ୍ଲାସ –୩,
ଭେଙ୍କଟେଶ୍ୱର
ଇଂଲିଶ ମିଡିୟମ୍
ସ୍କୁଲ, ରସୁଲଗଡ



୧




୨



୩




୪



୫



୬



୭




୮



୯

# କବିତା

## ହେ ଓଡ଼ିଶାବାସୀ

**ବା**ତ୍ୟା ପରେ ପରେ ଅଣ୍ଟା ସଳଖୁଛି
ଆମରି ଓଡ଼ିଶା ରାଜ୍ୟ
କେତେ ସହିଅଛି ପବନର ମାଡ଼
ଚାଲିଛି ଉଦ୍ଧାର କାର୍ଯ୍ୟ ।
ଚାଲିଗଲା ଯାହା ଫେରିବନି ଆଉ
ରହିଯିବ ସ୍ମୃତି ହୋଇ
କାହାର ନେଇଛି ସର୍ବସ୍ୱ ଛଡ଼ାଇ
କାହା ନିଜଘର ନାହିଁ ।
କିଏ ହରେଇଛି ଆତ୍ମୀୟ ସ୍ୱଜନ
କାହା ପାଖେ ଖାଦ୍ୟ ନାହିଁ ।
ପାଣି ପାଇଁ କିଏ ଡହଳ ବିକଳ
ଦୁଃଖରେ କେ ଅଛି ରହି ।
ସାରା ପୃଥିବୀରୁ ସହଯୋଗ ହାତ
ଲମ୍ବି ଆସୁଅଛି ପରା ।
ପୀଡ଼ିତଙ୍କ ମୁଖେ ହସ ଦେଖିବାକୁ
ପ୍ରୟାସରେ ବିଶ୍ୱ ସାରା ।
ଫନୀ ଶିଖେଇଛି ଶିଖିବାର ଯାହା
ଶିଖ ହେ ଓଡ଼ିଶାବାସୀ ।
ବେଳ ଥାଉଁ ଥାଉଁ ସତର୍କ ହୋଇଲେ
ହେବ ନାହିଁ କ୍ଷତି ବେଶି ।
ବିପର୍ଯ୍ୟୟ ପାଇଁ ଡର ନାହିଁ ତାଙ୍କ
ସମୁଦ୍ର ଭିତରେ ରହି ।
ଧ୍ୱଂସ ବିଭୀଷିକା ସହି ସେଇମାନେ
ଲଢୁଛନ୍ତି ଜାତି ପାଇଁ ।
ପରମାଣୁ ବୋମା ସୁନାମିର ସୁଅ
ରୋକିନି ତାଙ୍କ ବିକାଶ
ଆସୁ ଝଡ଼ ବାତ୍ୟା ଆସୁ ବା ମରୁଡ଼ି
ଦମ୍ଭହରା ହେବା ନାହିଁ ।
ରହିବ ଏ ଜାତି ଲଗାଇ କୌଶଳ
ଦୁଃଖ ରାତି ଯିବ ପାହି ।
ଶକ୍ତିଶାଳୀ ହେବ ଆମରି ଓଡ଼ିଶା
ଏଥିରେ ସନ୍ଦେହ ନାହିଁ ।



**– ଅରୂପ କୁମାର ବିଶ୍ୱାଳ**

*ସହକାରୀ ଶିକ୍ଷକ, ଏନ୍‌ଏସି ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ*

## ବେଳ ଥାଉ ଥାଉ ହୁଅ ସଚେତନ

**ଖ**ରା ବଢ଼ିଲା, ତାତି ବଢ଼ିଲା
ଗମ୍ ଗମ୍ ଝାଳ ଦେହେ ବୋହିଲା ।
ଝାଞ୍ଜି ପବନ ବହିଲା
ଶୁଖିଲା ପତ୍ର, ଡାଳେ ଖସିଲା ।
ଚାରିଆଡ଼େ ଦିଶିଲା ଟାଙ୍ଗରା ଭୂଇଁ
ସବୁଜ ପତ୍ରଟେର ଦରଶନ ନାହିଁ ।
ଅବୁଝା ମଣିଷ ମାନଇ ନାହିଁ
ଗଛକାଟି ଧ୍ୱଂସ କରେ ଜଙ୍ଗଲ ଭୂଇଁ ।
ଜଳର ପତନ କମିଲା ଯାଇ
ପାଣି ଟୋପାଏ ପାଇଁ ହୁଏ ଡହଳ ବିକଳ ।
କୋଠାବାଡ଼ିରେ ତ ପୂରିଲା ଗାଁ
ଗାଁ ଜଙ୍ଗଲ, ଆଉ ସବୁଜ କ୍ଷେତ ଲାଗେ ଖାଁ ଖାଁ
ବେଳ ଥାଉଁ ଥାଉଁ ଭାଇ ହୁଅ ସଚେତନ
ଅକାଳେ ଜୀବନଟି ଯିବ ଅଭାବେ ଅମ୍ଳଜାନ ।
ଗଛଟିଏ ନ ଥିବ କି ଜଳ ଟୋପାଏ ନ ଥିବ
ମଣିଷ ଜୀବନ ଟି ଥାଇ କି ଲାଭ ପାଇବ ।

**– ସୁବ୍ରତ ଦାସ**

ଶିଶୁ ସୁରକ୍ଷା ବିଭାଗ, ଭଦ୍ରକ

## ପାର୍ଥକ୍ୟ ଦର୍ଶାଅ





## ଶିଶୁ ପ୍ରତିଭା

### ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଛନ୍ତି ତିଥିରୂପା

ତିଥିରୂପା ବହିଦାର ଏକାଧାରରେ ବହୁ ପ୍ରତିଭାର ଅଧିକାରୀ । ଛୋଟ ବେଳୁ ନୃତ୍ୟ ଓ ବକ୍ତୃତାରେ ରୁଚି ରଖିଥିଲେ । ପରବର୍ତ୍ତୀ ସମୟରେ ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି । ସମ୍ବଲପୁର ମୁଦିପଡାର ଲକ୍ଷ୍ମୀପ୍ରଭା ବହିଦାର ଓ ଆଇନଜୀବୀ ମାନଭଞ୍ଜନ ବହିଦାରଙ୍କ ଝିଅ ତିଥିରୂପା । ସେ ଭବାନୀପାଟଣା ବିମଳା କନ୍‌ଭେଣ୍ଟ ସ୍କୁଲର ୧୦ମ ଶ୍ରେଣୀର ଛାତ୍ରୀ । ନିକଟରେ ପ୍ରକାଶିତ ଷ୍ଟାଣ୍ଡାର୍ଡ-୧୦ ପରୀକ୍ଷାରେ



୯୪ ପ୍ରତିଶତ ନମ୍ବର ରଖି ପାସ କରିଛନ୍ତି । ଗଣିତ ଓ ବିଜ୍ଞାନରେ ଭଲ ନମ୍ବର ରଖିଥିବା ସତ୍ତ୍ୱେ ସେ କଳା ବିଭାଗରେ ଅଧ୍ୟୟନ କରିବାକୁ ସ୍ଥିର କରିଛନ୍ତି । ଗତ ଏପ୍ରିଲ ୨୮ରେ ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ଆଇନ ଦିବସ ପାଳନ କରାଯାଇଥିଲା । ସଭା ଶେଷ ପର୍ଯ୍ୟାୟରେ ସେ ଇଂଲିଶ ଭାଷାରେ ଅନର୍ଗଳ ବକ୍ତୃତା ଦେଇଥିଲେ । ଏହା ସେଠାରେ ଉପସ୍ଥିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ସମସ୍ତେ ତାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ । ଏ ସମ୍ପର୍କରେ କୁହନ୍ତି, ମଞ୍ଚରେ ବକ୍ତୃତା ଦେବା ବେଳେ ଭୟ ମତେ ଛୁଇଁ ପାରି ନ ଥାଏ । ତେଣୁ ମୁଁ ଅନବରତ ଇଂଲିଶରେ ବକ୍ତୃତା ଦେଇଥାଏ । ଛୋଟ ସମୟରୁ ଅଜା ବସନ୍ତ ବହିଦାର ଓ ଆଈ ଜ୍ୟୋତିରାଣୀ ବହିଦାର କିପରି ବକ୍ତୃତା ଦିଆଯାଏ, ସେଥିପାଇଁ ମତେ ସବୁବେଳେ ପ୍ରେରଣା ଦେଇ ଆସୁଛନ୍ତି । ତେଣୁ ବକ୍ତୃତା ଦେବାକୁ ମତେ ଡର ଲାଗିବା ପରିବର୍ତ୍ତେ ଆନନ୍ଦ ଦେଇଥାଏ ।

ଅପରପକ୍ଷେ ଛୋଟ ସମୟରୁ ଟେଲିଭିଜନରେ ନୃତ୍ୟ ଦେଖି ଶିଖିଥିଲି । ଆଧୁନିକ, ସମ୍ବଲପୁରୀ ନୃତ୍ୟରେ ରୁଚି ରଖିଛି । ପ୍ରତିଯୋଗିତାଗୁଡିକରେ ମଧ୍ଯ ଭାଗ ନେଇ ସଫଳତା ପାଇଛି । ୨୦୧୦ ମସିହାରେ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ (ଡିଆଇଡି ଲିଟିଲ ମାଷ୍ଟର)ରେ ପଶ୍ଚିମ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ ସେ । ମୁମ୍ବାଇଠାରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୪ ଜଣଙ୍କ ମଧ୍ୟରେ ରହିଥିଲେ । ସେହିପରି ପ୍ରଦୀପ ଭୋଳଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ଚଳଚ୍ଚିତ୍ର 'ଚିନି'ରେ ଶିଶୁ କଳାକାର ଭାବେ କାର୍ଯ୍ୟ କରି ଶ୍ରେଷ୍ଠ ଶିଶୁ କଳାକାରର ପୁରସ୍କାର ମଧ୍ୟ ହାସଲ କରିଛନ୍ତି । ସେହିପରି ରାଜୀବ ଗାନ୍ଧୀ, ଚୁଟକୁ ଚୁଟା ଆଦି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି । ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି ତିଥିରୂପା ।

**–ବି. ଶଙ୍କର**

## ଏଥରର ପ୍ରଶ୍ନ

- ଭାରତର ସବୁଠାରୁ ଜନବହୁଳ ରାଜ୍ୟ କେଉଁଟି ?
- କେଉଁ ରାଜ୍ୟର ସାକ୍ଷରତା ହାର ସବୁଠାରୁ କମ୍ ?
- ସବୁଠାରୁ ଅଧିକ ସାକ୍ଷରତା ହାର ଥିବା ରାଜ୍ୟ କିଏ ?
- ଆୟତନ ଅନୁଯାୟୀ କେଉଁଟି ସବୁଠାରୁ ବଡ଼ ରାଜ୍ୟ ?
- ଆୟତନ ଅନୁଯାୟୀ କେଉଁ ରାଜ୍ୟ ସବୁଠାରୁ ସାନ ?

## ଆରଥରର ଉତ୍ତର

- ଅର୍ଥଶାସ୍ତ୍ର
- ଗୀତାଞ୍ଜଳି
- ପଦାର୍ଥ ବିଜ୍ଞାନ
- ରସାୟନ ବିଜ୍ଞାନ




## ତୁମ ପଢ଼ିବା ପାଇଁ

### କୁନାକୁନିଙ୍କ କାହାଣୀ

ଗଳ୍ପ ସଙ୍କଳନ 'କୁନାକୁନିଙ୍କ କାହାଣୀ'ରେ ରହିଛି ହଇରାଣ, ମୁଁ ସତ କହିବି, କାଉ ଓ କୋଇଲି, ମାଆଟି ମୋର, ହନୁମାଙ୍କଡ଼ର ବୁଦ୍ଧି ପରି ରହିଛି କେତୋଟି ଶିକ୍ଷଣୀୟ ଗଳ୍ପ । ମନୀଷା ରାୟଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୬୦ ଟଙ୍କା । ଯୋଗାଯୋଗ: ମନୀଷା ରାୟ, ମାର୍ଫତ- ଜ୍ୟୋତିଷ ରାୟ, ଶେଖ୍ ବଜାର, ନିୟୁ କଲୋନୀ, କଟକ

# ଜଣା ଅଜଣା



✲ ଶୋଇଥିବା ବେଳେ ମନୁଷ୍ୟ ଛିଙ୍କି ପାରେ ନାହିଁ। କାରଣ ଶୋଇବା ସମୟରେ ମସ୍ତିଷ୍କକୁ ବାର୍ତ୍ତା ପ୍ରେରଣ କ୍ରିୟା ବନ୍ଦ ଥାଏ।



✲ ଡଲଫିନ୍‌ମାନେ ଖୁବ୍ କୌତୂହଳ ପ୍ରିୟ। ପାଣି ଭିତରେ ପବନର ବବଲ୍ ତିଆରି କରି ଏମାନେ ନିଜେ ନିଜର ମନୋରଞ୍ଜନ କରିଥାନ୍ତି।



✲ ଆରାବଳୀ ପର୍ବତମାଳା ହେଉଛି ଭାରତର ସବୁଠାରୁ ପୁରାତନ ପର୍ବତ ମାଳା।



✲ ବେଙ୍ଗର ବଡ ପ୍ରଜାତି ମଧ୍ୟରୁ ଅନ୍ୟତମ ଆମେରିକାର ବୁଲ ଫ୍ରଗ୍। ଏହି ପ୍ରଜାତିର ବେଙ୍ଗ ଗାଈମାନଙ୍କ ଭଳି ବୋବାଉଥିବାରୁ ଏହାର ନାଁ ବୁଲ ଫ୍ରଗ୍ ରଖାଯାଇଛି।



✲ ମହୁମାଛି ମଧ୍ୟରୁ ସବୁଠାରୁ ବଡ ପ୍ରଜାତି ହେଉଛି ହିମାଳୟାନ ହନି ବି। ଏହାର ଲମ୍ବ ପ୍ରାୟ ୩ ସେଣ୍ଟିମିଟର ଯାଏଁ ଥାଏ।



✲ ସୂର୍ଯ୍ୟ ଅସ୍ତ ବେଳେ ପଶ୍ଚିମ ଆକାଶ ସାଧାରଣତଃ ନାଲି ରଙ୍ଗ ଧାରଣ କରୁଥିବା ବେଳେ ମଙ୍ଗଳ ଗ୍ରହରେ ସୂର୍ଯ୍ୟାସ୍ତ ସମୟରେ ଆକାଶ ନୀଳରଙ୍ଗ ଧାରଣ କରିଥାଏ।

# ଆଇନା



ଆଦର୍ଶ
୧୨ ବର୍ଷ



ଶୁଭଶ୍ରୀ
୫ ବର୍ଷ



ଆଦ୍ୟାଶା
୬ ବର୍ଷ